**ରାଜ କୁମାର ଏବଂ ଅନ୍ୟ ଜଣେ**

**ବନାମ**

**ପଞ୍ଜାବ ରାଜ୍ୟ ଏବଂ ଅନ୍ୟ ଜଣେ**

**ଜାନୁଆରୀ 11, 1995**

**[ଆର୍. ରାମାସ୍ୱାମୀ ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]**

*ଜମି ଅଧିଗ୍ରହଣ ଅଧିନିୟମ, 1894: କ୍ଷତିପୂରଣ ଅଧିନିର୍ଣ୍ଣୟ - ବେଲ୍ଟିଂ - ଅବଶିଷ୍ଟ ଜମି ଠାରୁ ପୃଥକ ଭାବେ ବିବେଚନା କରିବା - ସେହି ଆଧାରରେ ବଜାର ମୂଲ୍ୟ ନିର୍ଦ୍ଧାରଣ - ବୈଧ ଅଟେ ବୋଲି ନିର୍ଣ୍ଣୟ ନିଆଯାଇଛି - ଅନ୍ୟ ଜମି ପାଇଁ, ସେହି ଆଧାରରେ କିମ୍ବା ନଥିରେ ଥିବା ସାକ୍ଷ୍ୟ ପ୍ରମାଣ ଆଧାରରେ ବଜାର ମୂଲ୍ୟ ଧାର୍ଯ୍ୟ ହୋଇଛି - ନିର୍ଣ୍ଣୟ ନିଆଯାଇଛି ଯେ କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ।*

**ଅଧିଗ୍ରହଣ କରାଯାଇଥିବା କେତେକ ଜମି ସମ୍ବନ୍ଧରେ, ଜମି ଅଧିଗ୍ରହଣ ଅଧିକାରୀ 22 କର୍ମା ବେଲ୍ଟିଂ ପର୍ଯ୍ୟନ୍ତ ସେଗୁଡ଼ିକର ବଜାର ମୂଲ୍ୟ ଏକର ପିଛା 24,000 ଟଙ୍କା ଏବଂ ଅବଶିଷ୍ଟ ଜମି ପାଇଁ ବଜାର ମୂଲ୍ୟ ଏକର ପିଛା 20,000 ଟଙ୍କା ଧାର୍ଯ୍ୟ କରିଥିଲେ । ଏକ ବିଚାରାର୍ଥେ ପ୍ରେରଣରେ, ଅତିରିକ୍ତ ଜିଲ୍ଲା ବିଚାରପତି 22 କର୍ମା ପର୍ଯ୍ୟନ୍ତ ସେଗୁଡ଼ିକର ବଜାର ମୂଲ୍ୟ ମାର୍ଲା ପିଛା 1000 ଟଙ୍କା ହିସାବରେ ଏକର ପିଛା 1,60,000 ଟଙ୍କାକୁ ଏବଂ ଅବଶିଷ୍ଟ ଜମି ପାଇଁ ଏକର ପିଛା 50,000 ଟଙ୍କାକୁ ବୃଦ୍ଧି କରିଥିଲେ ।**

**ଆବେଦନ ପରେ, ଉଚ୍ଚ ନ୍ୟାୟାଳୟ 22 କର୍ମା ପର୍ଯ୍ୟନ୍ତ ଧାର୍ଯ୍ୟ କ୍ଷତିପୂରଣ ରାଶି 1,60,000 ଟଙ୍କାକୁ ନିଶ୍ଚିତ କରିଥିଲେ, ଏବଂ ଅବଶିଷ୍ଟ ଜମିର ବଜାର ମୂଲ୍ୟକୁ ବୈଧାନିକ ସୁବିଧା ସହିତ ଏକର ପିଛା 65,000 ଟଙ୍କାକୁ ବୃଦ୍ଧି କରିଥିଲେ । ରାଜ୍ୟ ସରକାର କୌଣସି ଅପିଲ ଦାୟର କରିନଥିଲେ । ଦୁଇ ଜଣ ଦାବିଦାର ଅଧିକ କ୍ଷତିପୂରଣ ଦାବି କରି ଏହି ଅପିଲ କରିଥିଲେ ।**

**ଅପିଲଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: 1. ଜମି ଅଧିଗ୍ରହଣ ଅଧିକାରୀ, ଜିଲ୍ଲା ବିଚାରପତି ତଥା ଉଚ୍ଚ ନ୍ୟାୟାଳୟ ସୁସଙ୍ଗତ ଭାବେ 22 ଟି କର୍ମାକୁ ବେଲ୍ଟିଂ ପାଇଁ ଉପଯୁକ୍ତ କ୍ଷେତ୍ର ଭାବେ ଗ୍ରହଣ କରିଛନ୍ତି, ଯାହାକୁ ଅବଶିଷ୍ଟ ଜମିଠାରୁ ପୃଥକ ଭାବେ ବିବେଚନା କରାଯିବା ଉଚିତ । ଭିନ୍ନଭିନ୍ନ କ୍ଷତିପୂରଣ**

**ପ୍ରଦାନ କରିବା ପାଇଁ ବେଲ୍ଟିଂ ହେଉଛି ଆଇନର ଏକ ସ୍ଥିରୀକୃତ ନିୟମ । 22 କର୍ମା ଗଭୀରତା ପର୍ଯ୍ୟନ୍ତ ସଂଲଗ୍ନ ରାସ୍ତା ଥିବା ଜମିକୁ ଗୋଟିଏ ୟୁନିଟ୍ ଭାବରେ ବିବେଚନା କରାଯାଇଥିଲା ଏବଂ ଅବଶିଷ୍ଟ ଜମି ପାଇଁ କ୍ଷତିପୂରଣ ପୃଥକ ଭାବରେ ଧାର୍ଯ୍ୟ କରାଯାଇଥିଲା । ଅଧିଗ୍ରହଣ କରାଯାଇଥିବା ଜମିର ସମ୍ପୂର୍ଣ୍ଣ 56 ଏକର ପରିସରର ମୂଲ୍ୟ ସମାନ ବୋଲି ବିବେଚନା କରାଯାଇପାରିବ ନାହିଁ । ଅବଶିଷ୍ଟ ଜମି ପାଇଁ କ୍ଷତିପୂରଣ ବାବଦକୁ ଏକର ପିଛା 65,000 ଟଙ୍କା ଧାର୍ଯ୍ୟ କରାଯାଇଥିଲା । ତେଣୁ, ନିମ୍ନସ୍ଥ ଅଦାଲତଗୁଡ଼ିକ ଯଥାର୍ଥ ଭାବେ 22 ଟି କର୍ମାକୁ ଅବଶିଷ୍ଟ ଜମି ଠାରୁ ଭିନ୍ନ ଭାବେ ବିବେଚନା କରିବା ପାଇଁ ବେଲ୍ଟିଂ କ୍ଷେତ୍ର ଭାବେ ସ୍ଥିର କରିଥିଲେ । ଏହା ସ୍ଥିରୀକୃତ ଆଇନ ଯେ ବେଲ୍ଟିଂ ହେଉଛି ଏକ ନୀତି ଯାହା ଆଧାରରେ ବଜାର ମୂଲ୍ୟ ନିର୍ଣ୍ଣୟ କରାଯିବ । ଏହା ନୀତି ହୋଇଥିବାରୁ, ଉଚ୍ଚ ନ୍ୟାୟାଳୟ, ଦେୱାନୀ ନ୍ୟାୟାଳୟ ତଥା ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ବେଲ୍ଟିଂ ସଠିକ୍ ଭାବରେ ସ୍ଥିର କରାଯାଇଛି । [186-D-F]**

**2. ଅଧିଗ୍ରହଣର ଉଦ୍ଦେଶ୍ୟ ହେଉଛି ବଜାର ପ୍ରତିଷ୍ଠା କରିବା ଏବଂ ସେହି କାରଣରୁ ଜମିର ମୂଲ୍ୟ ରହିଛି – ଏହା ଅଧିନିୟମର ଧାରା 24 ର କାର୍ଯ୍ୟକାରିତା ଦ୍ୱାରା ଅପ୍ରାସଙ୍ଗିକ ଅଟେ । ଏହା ସତ୍ୟ ଯେ ଅନ୍ୟ ଏକ ମାମଲାରେ ଉଚ୍ଚ ନ୍ୟାୟାଳୟ ବଜାର ମୂଲ୍ୟ ମାର୍ଲା ପିଛା 14,000 ଟଙ୍କା ଧାର୍ଯ୍ୟ କରିଛନ୍ତି, କିନ୍ତୁ ସେହି ରାୟକୁ ନେଇ କ'ଣ ହୋଇଛି, ସେ ସମ୍ପର୍କରେ କୌଣସି ତଥ୍ୟ ନାହିଁ । ଆହୁରି ମଧ୍ୟ, ଅପିଲ ଏବଂ ଅନ୍ୟାନ୍ୟ ମାମଲାରେ, ଯେଉଁ ଆଧାରରେ ଉଚ୍ଚ ନ୍ୟାୟାଳୟ ବଜାର ମୂଲ୍ୟ ଧାର୍ଯ୍ୟ କରିଛନ୍ତି, ତାହା ନଥିରେ ରଖାଯାଇଥିବା ସାକ୍ଷ୍ୟ ପ୍ରମାଣ ଉପରେ ଆଧାରିତ । ଯେହେତୁ ରାଜ୍ୟ ଅପିଲ ଦାୟର କରିନଥିଲା, ଏହି ନ୍ୟାୟାଳୟଙ୍କ ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବେ ଅବଶିଷ୍ଟ ଜମିର ବଜାର ମୂଲ୍ୟ ଏକର ପିଛା 65,000 ଟଙ୍କା ଧାର୍ଯ୍ୟ କରିଛନ୍ତି । [186-G-H, 187-A]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 783-84/1995 ।

ଆର୍.ଏଫ୍.ଏ. ସଂଖ୍ୟା 218-19/1985 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 12.11.88 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ ଏସ୍. ସି. ମାହେଶ୍ୱରୀ ଏବଂ ସୁଶ୍ରୀ ସନ୍ଧ୍ୟା ଗୋସ୍ୱାମୀ ।

ଉତ୍ତରଦାତାମାନଙ୍କ ତରଫରୁ ଜି. କେ. ବଂଶଲଙ୍କ ପାଇଁ ରଣବୀର ଯାଦବ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା: ମଞ୍ଜୁରୀ ପ୍ରଦାନ କରାଗଲା ।

ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅନୁଯାୟୀ ଏକ ଅଧିସୂଚନା 24 ଜାନୁଆରୀ 1980 ରେ ରାଜ୍ୟ ରାଜପତ୍ରରେ ପ୍ରକାଶ ପାଇଥିଲା, ଯଦ୍ୱାରା ଏକ ଶସ୍ୟ ବଜାର ପ୍ରତିଷ୍ଠା ପାଇଁ 5 ଟି କେନାଲ ଏବଂ 11 ମାର୍ଲା ଜମି ସମେତ ମୋଟ 56 ଏକରର ପରିସର ଅଧିଗ୍ରହଣ କରାଯାଇଥିଲା । ଜମି ଅଧିଗ୍ରହଣ ଅଧିକାରୀ, 21 ଫେବୃଆରୀ, 1982 ର ତାଙ୍କ ଅଧିନିର୍ଣ୍ଣୟ ଦ୍ୱାରା, 22 କର୍ମା ବେଲ୍ଟିଂ ପର୍ଯ୍ୟନ୍ତ ସେଗୁଡ଼ିକର ବଜାର ମୂଲ୍ୟ ଏକର ପିଛା 24,000 ଟଙ୍କା ଏବଂ ଅବଶିଷ୍ଟ ଜମି ପାଇଁ ବଜାର ମୂଲ୍ୟ ଏକର ପିଛା 20,000 ଟଙ୍କା ଧାର୍ଯ୍ୟ କରିଥିଲେ । ଏକ ବିଚାରାର୍ଥେ ପ୍ରେରଣରେ, ଅତିରିକ୍ତ ଜିଲ୍ଲା ବିଚାରପତି, 1984 ମସିହା ଜୁନ୍ 15 ତାରିଖର ତାଙ୍କ ଅଧିନିର୍ଣ୍ଣୟ ଏବଂ ଡିକ୍ରି ଦ୍ୱାରା, 22 କର୍ମା ପର୍ଯ୍ୟନ୍ତ ସେଗୁଡ଼ିକର ବଜାର ମୂଲ୍ୟ ମାର୍ଲା ପିଛା 1000 ଟଙ୍କା ହିସାବରେ ଏକର ପିଛା 1,60,000 ଟଙ୍କାକୁ ଏବଂ ଅବଶିଷ୍ଟ ଜମି ପାଇଁ ଏକର ପିଛା 50,000 ଟଙ୍କାକୁ ବୃଦ୍ଧି କରିଥିଲେ । ତେବେ ପରବର୍ତ୍ତୀ ଅପିଲରେ, ଉଚ୍ଚ ନ୍ୟାୟାଳୟ, ଏହାର 1985 ମସିହା ଅକ୍ଟୋବର 15 ତାରିଖର ରାୟ ଏବଂ ଡିକ୍ରି ଦ୍ୱାରା, 22 କର୍ମା ପର୍ଯ୍ୟନ୍ତ ଧାର୍ଯ୍ୟ କ୍ଷତିପୂରଣ ରାଶି 1,60,000 ଟଙ୍କାକୁ ନିଶ୍ଚିତ କରିଥିଲେ, ଏବଂ ଅବଶିଷ୍ଟ ଜମିର ବଜାର ମୂଲ୍ୟକୁ ବୈଧାନିକ ସୁବିଧା ସହିତ ଏକର ପିଛା 65,000 ଟଙ୍କାକୁ ବୃଦ୍ଧି କରିଥିଲେ । ରାଜ୍ୟ ସରକାର କୌଣସି ଅପିଲ ଦାୟର କରିନଥିଲେ । ତେବେ ତଥାପି ସନ୍ତୁଷ୍ଟ ନହୋଇ, ଦୁଇ ଜଣ ଦାବିଦାର ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକୁ ଦାୟର କରିଥିଲେ ।

ପ୍ରଥମ ପ୍ରଶ୍ନ ଯାହା ଉଠିଛି, ଯେପରି ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଦୃଢ ଭାବରେ ଯୁକ୍ତି କରାଯାଇଥିଲା, ତାହା ହେଉଛି 22ଟି କର୍ମା ର ବେଲ୍ଟିଂ କରିବା ଅବୈଧ କିମ୍ବା ମନମୁଖୀ ଅଟେ କି ନାହିଁ । ଜଳନ୍ଧର ଠାରୁ ପଠାନକୋଟ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ସଂଲଗ୍ନରେ ଥିବା ଜମି କିଣାକିଣି ଉଦ୍ଦେଶ୍ୟରେ ଅଧିକ ସମ୍ଭାବ୍ୟତା ସୃଷ୍ଟି କରିବ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ କେତେ ପରିସର ପର୍ଯ୍ୟନ୍ତ ବେଲ୍ଟିଂ କରାଯିବା ଉଚିତ ଥିଲା ତାହା ଏକ ତଥ୍ୟଗତ ପ୍ରଶ୍ନ ହେବ । ଏହା ମଧ୍ୟ ଯୁକ୍ତି କରାଯାଇଛି ଯେ ଅନ୍ୟ ଜମିଗୁଡ଼ିକରେ ମଧ୍ୟ ସମାନ ସମ୍ଭାବ୍ୟ ମୂଲ୍ୟ ରହିଛି । ମଣ୍ଡି ବଜାର ପାଇଁ ଜମି ଅଧିଗ୍ରହଣ ହିଁ ଦର୍ଶାଉଛି ଯେ ଜମିର ସମ୍ଭାବ୍ୟ ମୂଲ୍ୟ ରହିଛି । ତେଣୁ ଉଚ୍ଚ ନ୍ୟାୟାଳୟ ଅଧିକ କ୍ଷତିପୂରଣ ପ୍ରଦାନ କରିବା ଉଚିତ ଥିଲା । ତୃତୀୟରେ, ଏହା ଯୁକ୍ତି କରାଯାଇଥିଲା ଯେ 1989 ମସିହା ଅଗଷ୍ଟ 21 ତାରିଖର ନିୟମିତ ପ୍ରଥମ ଅପିଲ ସଂଖ୍ୟା

1848/85 ରେ *ଗୁର୍ମିତ୍ ସିଂହ ଏବଂ ଅନ୍ୟମାନେ ବନାମ ଜମି ଅଧିଗ୍ରହଣ କଲେକ୍ଟର ଏବଂ ଅନ୍ୟମାନେ* ମାମଲାରେ ଏକ ପରବର୍ତ୍ତୀ ରାୟରେ, ଅନ୍ୟ ଏକ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠ ମାର୍ଲା ପିଛା 14,000 ଟଙ୍କା ମଞ୍ଜୁର କରିଛନ୍ତି ଏବଂ ସେଥିପାଇଁ ଅପିଲକାରୀଙ୍କୁ ମଧ୍ୟ ସମାନ ହାରରେ ପ୍ରଦାନ କରାଯିବା ଉଚିତ । ଏହି ଯୁକ୍ତିଗୁଡ଼ିକରେ ଆମ୍ଭେ କୌଣସି ଦୃଢତା ପାଉନାହୁଁ । ଏହା ଦେଖିବାକୁ ମିଳିଛି ଯେ, ଜମି ଅଧିଗ୍ରହଣ ଅଧିକାରୀ, ଜିଲ୍ଲା ବିଚାରପତି ତଥା ଉଚ୍ଚ ନ୍ୟାୟାଳୟ ସୁସଙ୍ଗତ ଭାବେ 22 ଟି କର୍ମାକୁ ବେଲ୍ଟିଂ ପାଇଁ ଉପଯୁକ୍ତ କ୍ଷେତ୍ର ଭାବେ ଗ୍ରହଣ କରିଛନ୍ତି, ଯାହାକୁ ଅବଶିଷ୍ଟ ଜମିଠାରୁ ପୃଥକ ଭାବେ ବିବେଚନା କରାଯିବା ଉଚିତ । ଭିନ୍ନଭିନ୍ନ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବେଲ୍ଟିଂ ହେଉଛି ଆଇନର ଏକ ସ୍ଥିରୀକୃତ ନିୟମ । 22 କର୍ମା ଗଭୀରତା ପର୍ଯ୍ୟନ୍ତ ସଂଲଗ୍ନ ରାସ୍ତା ଥିବା ଜମିକୁ ଗୋଟିଏ ୟୁନିଟ୍ ଭାବରେ ବିବେଚନା କରାଯାଇଥିଲା ଏବଂ ଅବଶିଷ୍ଟ ଜମି ପାଇଁ କ୍ଷତିପୂରଣ ପୃଥକ ଭାବରେ ଧାର୍ଯ୍ୟ କରାଯାଇଥିଲା । ଅଧିଗ୍ରହଣ କରାଯାଇଥିବା ଜମିର ସମ୍ପୂର୍ଣ୍ଣ 56 ଏକର ପରିସରର ମୂଲ୍ୟ ସମାନ ବୋଲି ବିବେଚନା କରାଯାଇପାରିବ ନାହିଁ । ଅବଶିଷ୍ଟ ଜମି ପାଇଁ କ୍ଷତିପୂରଣ ବାବଦକୁ ଏକର ପିଛା 65,000 ଟଙ୍କା ଧାର୍ଯ୍ୟ କରାଯାଇଥିଲା । ତେଣୁ, ନିମ୍ନସ୍ଥ ଅଦାଲତଗୁଡ଼ିକ ଯଥାର୍ଥ ଭାବେ 22 ଟି କର୍ମାକୁ ଅବଶିଷ୍ଟ ଜମି ଠାରୁ ଭିନ୍ନ ଭାବେ ବିବେଚନା କରିବା ପାଇଁ ବେଲ୍ଟିଂ କ୍ଷେତ୍ର ଭାବେ ସ୍ଥିର କରିଥିଲେ । ଏହା ସ୍ଥିରୀକୃତ ଆଇନ ଯେ ବେଲ୍ଟିଂ ହେଉଛି ଏକ ନୀତି ଯାହା ଆଧାରରେ ବଜାର ମୂଲ୍ୟ ନିର୍ଣ୍ଣୟ କରାଯିବ । ଏହା ନୀତି ହୋଇଥିବାରୁ, ଉଚ୍ଚ ନ୍ୟାୟାଳୟ, ଦେୱାନୀ ନ୍ୟାୟାଳୟ ତଥା ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ବେଲ୍ଟିଂ ସଠିକ୍ ଭାବରେ ସ୍ଥିର କରାଯାଇଛି । 22 ଟି କର୍ମାରେ ବେଲ୍ଟିଂ ସ୍ଥିର କରିବାରେ ଆମ୍ଭେ କୌଣସି ଅବୈଧତା ପାଉନାହୁଁ ଏବଂ ତେଣୁ ଏହି ପ୍ରସଙ୍ଗରେ ଅନ୍ୟ କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ । ଅଧିଗ୍ରହଣର ଉଦ୍ଦେଶ୍ୟ ହେଉଛି ବଜାର ପ୍ରତିଷ୍ଠା କରିବା ଏବଂ ସେହି କାରଣରୁ ଜମିର ମୂଲ୍ୟ ରହିଛି – ଏହା ଅଧିନିୟମର ଧାରା 24 ର କାର୍ଯ୍ୟକାରିତା ଦ୍ୱାରା ଅପ୍ରାସଙ୍ଗିକ ଅଟେ । ଏହା ସତ୍ୟ ଯେ ଅନ୍ୟ ଏକ ମାମଲାରେ ଅନ୍ୟ ଏକ ନ୍ୟାୟପୀଠଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ରାୟରେ ବଜାର ମୂଲ୍ୟ ମାର୍ଲା ପିଛା 14,000 ଟଙ୍କା ଧାର୍ଯ୍ୟ କରିଛନ୍ତି, କିନ୍ତୁ ସେହି ରାୟକୁ ନେଇ କ'ଣ ହୋଇଛି, ସେ ସମ୍ପର୍କରେ ଆମ୍ଭେ କୌଣସି ତଥ୍ୟ ପାଉନାହୁଁ । ଆହୁରି ମଧ୍ୟ, ଅପିଲ ଏବଂ ଅନ୍ୟାନ୍ୟ ମାମଲାରେ, ଯେଉଁ ଆଧାରରେ ଉଚ୍ଚ ନ୍ୟାୟାଳୟ ବଜାର ମୂଲ୍ୟ ଧାର୍ଯ୍ୟ କରିଛନ୍ତି, ତାହା ନଥିରେ ରଖାଯାଇଥିବା ସାକ୍ଷ୍ୟ ପ୍ରମାଣ ଉପରେ ଆଧାରିତ । ଯେହେତୁ ରାଜ୍ୟ ଅପିଲ ଦାୟର କରିନଥିଲା, ଏହି ନ୍ୟାୟାଳୟଙ୍କ ମତ ହେଉଛି ଯେ

ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବେ ଅବଶିଷ୍ଟ ଜମିର ବଜାର ମୂଲ୍ୟ ଏକର ପିଛା 65,000 ଟଙ୍କା ଧାର୍ଯ୍ୟ କରିଛନ୍ତି । ତଦନୁସାରେ, ଆମ୍ଭେ ଭାବୁନାହୁଁ ଯେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାର କୌଣସି ଯଥାର୍ଥତା ରହିଛି ।

ଅପିଲଗୁଡ଼ିକୁ ସେହି ଅନୁଯାୟୀ ଖାରଜ କରାଯାଉଛି, କିନ୍ତୁ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଜି. ଏନ୍.                    ଅପିଲଗୁଡ଼ିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**